## ସଂକ୍ଷେପରେ

### ୮ ଆକ୍ରାନ୍ତ, ୨୧ ସୁସ୍ଥ

**ଢେଙ୍କାନାଳ ଅଫିସ, ୨୫।୪:** ଢେଙ୍କାନାଳ ଜିଲାରୁ ରବିବାର ୮ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୧ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୧, ଗଁଦିଆ ବ୍ଲକରୁ ୨, ସଦର ବ୍ଲକରୁ ୩, କଙ୍କଡାହାଡ ବ୍ଲକରୁ ୧ ଏବଂ ହିନ୍ଦୋଳ ବ୍ଲକରୁ ଜଣେ ଅଛନ୍ତି।

### ଜିଲାପାଳ ଅସୁସ୍ଥ

**ଢେଙ୍କାନାଳ ଅଫିସ, ୨୫।୪:** ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ରବିବାର ପୂର୍ବାହ୍ନରେ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଏବେ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ସୂଚନା ଦେଇଛନ୍ତି। ରବିବାର ପୂର୍ବାହ୍ନରେ ସରକାରୀ ବାସଭବନରେ ଜିଲାପାଳ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅକ୍ସିଜେନ୍ ଦିଆଯିବାପରେ ତାଙ୍କୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ବିଷ୍ଣୁପ୍ରିୟା ବାଣିଜ୍ୟ ସଂଘ ନୂତନ କର୍ମକର୍ତ୍ତା

**ରାସୋଳ, ୨୫।୪(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ତେଲିଭୂଇଁ ବିଷ୍ଣୁପ୍ରିୟା ବାଣିଜ୍ୟ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ପର୍ଶୁରାମପୁର ଗ୍ରାମ ସଭାପତି ମାୟାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସର୍ବସମ୍ମତିକ୍ରମେ ସନ୍ତୋଷ କୁମାର ସାହୁଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ଉପସଭାପତି ପଙ୍କଜ ମିଶ୍ର, ସମ୍ପାଦକ କରୁଣାକର ସାହୁ, ବାପୁଜୀ ସାହୁ ମନୋନୀତ ହୋଇଛନ୍ତି। ସଂଘକୁ ସୁଦୃଢ଼ କରିବା ଲାଗି ଗଠିତ କମିଟିରେ ସିପୁନ ସାହୁ, ମାଧବାନନ୍ଦ ସାହୁ, ସୁଧୀର ସାହୁ, ଶ୍ରୀନିବାସ ବେହେରା, ପ୍ରକାଶ ବିଶ୍ୱାଳ, ଦୁର୍ଯ୍ୟୋଧନ ସିଂ, ତୋଫାନ ସିଂ, ସୁବ୍ରତ ସାହୁ ପ୍ରମୁଖ ସ୍ଥାନ ପାଇଛନ୍ତି। ଏଥିସହ ଜରୁରିକାଳୀନ କମିଟିକୁ ଗଣେଶ୍ୱର ସାହୁ, ଜଳନ୍ଧର ସିଂ, ଉଗ୍ରସେନ ସାହୁ, ପ୍ରଫୁଲ ସାହୁ, ନିରଞ୍ଜନ ସାହୁ ଚୟନ ହୋଇଛନ୍ତି।

# ୫ବର୍ଷରେ ମ୍ୟାଲେରିଆ ମୃତ୍ୟୁ ଶୂନ

- ଢେଙ୍କାନାଳ ଜିଲାରେ ନିୟନ୍ତ୍ରଣକୁ ଆସିଛି ରୋଗ
- ଚଳିତବର୍ଷ ଚିହ୍ନଟ ହୋଇଛନ୍ତି ୪ ଜଣ ରୋଗୀ
- ରକ୍ତପରୀକ୍ଷା, ମଶାରି ବ୍ୟବହାର ଉପରେ ଗୁରୁତ୍ୱ



ସ୍ୱାସ୍ଥ୍ୟବିଭାଗ ଅଧିକାରୀମାନେ ଶପଥପାଠ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୫।୪**

ଏକଦା ମ୍ୟାଲେରିଆର ହଟ୍‌ସ୍ପଟ ଭାବେ ଜଣାଶୁଣା ଢେଙ୍କାନାଳ ଜିଲାରେ ରୋଗ ନିୟନ୍ତ୍ରଣକୁ ଆସିଛି। ଗତ ୫ ବର୍ଷ ଭିତରେ ଏହି ମାରାତ୍ମକ ଜ୍ୱରରେ ପଡ଼ି କାହାର ଜୀବନହାନି ହୋଇନାହିଁ। ମ୍ୟାଲେରିଆପ୍ରବଣ ଅଞ୍ଚଳରେ ରକ୍ତପରୀକ୍ଷା ଏବଂ ମଶାରି ବ୍ୟବହାର ଦ୍ୱାରା ମ୍ୟାଲେରିଆ ଉପରେ ବିଜୟ ସମ୍ଭବ ବୋଲି କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ସୁଜାତାରାଣୀ ମିଶ୍ର। ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ରବିବାର ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଏବଂ ରୋଗର ନିୟନ୍ତ୍ରଣ ପାଇଁ ଭିଡିଓ କନଫରେନ୍ସରେ ଆୟୋଜିତ ଆନ୍ତଃ ସମନ୍ୱୟ କମିଟି ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଥିଲେ। ଜିଲାରେ ମ୍ୟାଲେରିଆ ପ୍ରାଦୁର୍ଭାବ ବହୁ ପରିମାଣରେ କମିଛି। ସମସ୍ତେ ମିଳିମିଶି କାମ କଲେ ଜିଲାରେ ମ୍ୟାଲେରିଆ ସଂକ୍ରମଣ ଶୂନକୁ ଆସିବ ବୋଲି ସିଡିଏମ୍‌ଓ କହିଥିଲେ।

ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ମ୍ୟାଲେରିଆ ସ୍ଥିତି ଓ ଏହାର ନିରାକରଣ ଦିଗରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ୨୦୧୬ରେ ଜିଲାରେ ୧ଲକ୍ଷ ୯୮ ହଜାର ୫୫୮ଜଣଙ୍କ ମ୍ୟାଲେରିଆ ପରୀକ୍ଷା ହୋଇଥିଲା। ୧୫୦୧ଜଣଙ୍କ ନମୁନାରୁ ରୋଗ ଚିହ୍ନଟ ହୋଇଥିଲେ। ଚିକିତ୍ସା ପରେ ସମସ୍ତ ରୋଗୀ ଭଲ ହୋଇଥିଲେ। ସେହିପରି ୨୦୧୭ରେ ୧ଲକ୍ଷ ୬୫ହଜାର ୪୧୮ଜଣଙ୍କ ନମୁନାରୁ ୧,୨୪୩ ଜଣ, ୨୦୧୮ରେ ୧ଲକ୍ଷ ୬୫ହଜାର ୮୧୬ ନମୁନାରୁ ୨୪୪ ଜଣ, ୨୦୧୯ରେ ୧ଲକ୍ଷ ୬୭ହଜାର ୬୭୪ଜଣଙ୍କ ନମୁନାରୁ ୮୯ଜଣ, ୨୦୨୦ରେ ୧ଲକ୍ଷ ୬୮ହଜାର ୨୧୬ ନମୁନା ପରୀକ୍ଷଣରୁ ୮୨ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୧ରେ ବର୍ତ୍ତମାନ ସୁଦ୍ଧା ମାତ୍ର ୪ଜଣ ମ୍ୟାଲେରିଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ମଶା ଦମନ ଲାଗି ଘର ଚାରିପାଖ ସଫାସୁତରା ରଖିବା, ପାଣି ଜମିବାକୁ ନ ଦେବା, ମଶାରି ଟାଙ୍ଗି ଶୋଇବା, ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇବା, ଡାକ୍ତରଙ୍କ କହିବା ଅନୁଯାୟୀ ଔଷଧ ସେବନ କରିବା ଲାଗି ସେ ପରାମର୍ଶ ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୀଟନାଶକ ସିଞ୍ଚନ, ମଶାରି ବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ମ୍ୟାଲେରିଆର ମୂଳୋତ୍ପାଟନ କରିବାକୁ ଶପଥପାଠ କରାଯାଇଥିଲା।

ସହକାରୀ ଜିଲା ଭେକ୍ଟରବାହିତ ରୋଗ ନିରାକରଣ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଜିଲା ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ଜୟକୃଷ୍ଣ ନାୟକ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ଡାଟା ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ, ମାଇକ୍ରୋ ବାୟୋଲୋଜିଷ୍ଟ ନିଳିମା ଦାସ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ସହକାରୀ ପରିଚାଳକ ଭାଗୀରଥି ପାଣିଗ୍ରାହୀ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନନ୍ଦକିଶୋର ମଲ୍ଲିକ, ଜିଲା କୋଷାଧ୍ୟକ୍ଷ ସୁକାନ୍ତ କୁମାର ଚାନ୍ଦ, ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟରଞ୍ଜନ ରାଉତରାୟ, ଏସ୍.ଏସ୍. ରହିମ୍, ଉଦୟନାଥ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସ କାର୍ଯ୍ୟାନ୍ୱୟନରେ ପାଟରପଦା ପ୍ରଥମ

**ପରଜଙ୍ଗ, ୨୫।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ଆବାସ ଯୋଜନା କାର୍ଯ୍ୟାନ୍ୱୟନରେ ବ୍ଲକସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତକୁ ଆବାସ ଯୋଜନାରେ ମୋଟ ୨୦୦ ଟାର୍ଗେଟ ଦିଆଯାଇଥିଲା। ସରପଞ୍ଚ ଦୁଃଶାସନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଧାରିତ ସମୟ ମଧ୍ୟରେ ହିତାଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପିଇଓ ବିପିନ ସାମଲ, ଯନ୍ତ୍ରୀ କୃଷ୍ଣଚନ୍ଦ୍ର ନାୟକ, ଜିଆରଏସ୍ ପ୍ରଭାତ ପାଣିଙ୍କ ସହଯୋଗରେ ଏହି ସଫଳତା ମିଳିଥିବା ସରପଞ୍ଚ କହିଛନ୍ତି। ଏଥିଲାଗି ବ୍ଲକ ପ୍ରଶାସନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି। ରବିବାର ଏକ ସାଧାରଣ ବୈଠକରେ ସରପଞ୍ଚ ଏବଂ ସରକାରୀ କର୍ମଚାରୀଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତରେ ପକ୍କାଘର ଅପେକ୍ଷାରେ ଥିବା ହିତାଧିକାରୀଙ୍କୁ ତୁରନ୍ତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ବ୍ଲକ ପ୍ରଶାସନ ସହଯୋଗ କଲେ ଏହି ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସରପଞ୍ଚ କହିଛନ୍ତି। ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ବ୍ଲକ ତରଫରୁ ପଞ୍ଚାୟତକୁ ୨୦୦ ଆବାସ ଟାର୍ଗେଟ ପୂରଣ କରିବାକୁ ଲକ୍ଷ୍ୟ ଦିଆଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ସମ୍ପୂର୍ଣ୍ଣ ହୋଇଛି। ବ୍ଲକ ପକ୍ଷରୁ ପଞ୍ଚାୟତକୁ ମାନପତ୍ର ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡରେ ୫ ବଖରା ଛାରଖାର

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ.ଏ.), ୨୫।୪**

ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ରବିବାର ଅଗ୍ନିକାଣ୍ଡ ଘଟି ୫ ବଖରା ଜଳିଯାଇଛି। ଓଡ଼ାପଡ଼ା ବ୍ଲକ ବେଶାଳିଆ ଗ୍ରାମ ଦଳିତ ସାହିରେ ନିଆଁ ଲାଗି ସତ୍ୟ ନାଏକ, ମୁରଲୀ ନାଏକ, ପ୍ରଭାତ ନାଏକଙ୍କ ବଖରାଏ ଲେଖାଏ ଛାରଖାର ହୋଇଯାଇଛି। ଏଥିରେ ନଗଦ ୩୦ ହଜାର ସମେତ ମୂଲ୍ୟବାନ ଆସବାବପତ୍ର ନଷ୍ଟ ହୋଇଯାଇଛି। ସତ୍ୟ ନାଏକଙ୍କ ସ୍ତ୍ରୀ ଚୁମ୍‌କିଙ୍କ ଦୁଇହାତ ପୋଡ଼ିଯାଇଛି। ଅଗ୍ନିଶମ ସେବା ସଂସ୍ଥା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି କାମାକ୍ଷାନଗର ବ୍ଲକ ରେକୁଲା ଶବରସାହିରେ ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଶ୍ୟାମ ଖଟୁଆ ଏବଂ ସୁଦାମ ଖଟୁଆଙ୍କ ବଖରାଏ ଲେଖାଏ ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ବ୍ରାହ୍ମଣୀଦେବୀ ପାଣି ପଞ୍ଚାୟତ ଗଠିତ

**ଭୁବନ, ୨୫।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ କୁନିନ୍ଦା ବାମ କେନାଲରୁ ଜଳସେଚନ ସୁବିଧା ପାଉଥିବା ଚାଷୀଙ୍କୁ ନେଇ ବ୍ରାହ୍ମଣୀଦେବୀ ପାଣି ପଞ୍ଚାୟତ ଗଠିତ ହୋଇଛି। ଏହି ପାଣି ପଞ୍ଚାୟତରେ ମୋଟ ୨୧ ସୋଠ ସାମିଲ ହୋଇଛି। ସେଥିରୁ ଅନଳର ୧୫, ତର୍ଜନୀର ୪, ବ୍ରାହ୍ମଣ ଖଣ୍ଡଖୋଳର ୧ ଏବଂ କୁମୁରସିଙ୍ଗାର ୧ ସୋଠ ଅନ୍ତର୍ଭୁକ୍ତ। ଏହି ଉପଲକ୍ଷେ ପାଣି ପଞ୍ଚାୟତର ସଭ୍ୟଙ୍କୁ ନେଇ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ଝୁନା ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ହୃଷୀକେଶ ସାହୁ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ପ୍ରତିନିଧିଙ୍କୁ ଚାଷୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

## ସଂକ୍ଷେପରେ

### ୧୯୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୫।୪:** ଅନୁଗୋଳ ଜିଲାରେ ଦୈନିକ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ଦ୍ୱିଶକ ନିକଟତର ହୋଇଛି। ରବିବାର ଜିଲାରୁ ୧୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୪ ହଜାର ୧୧୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ପୌରାଞ୍ଚଳରୁ ୩୧ ଜଣ ଚିହ୍ନଟ ହୋଇଥିବାବେଳେ କଣିହାଁ ବ୍ଲକରୁ ୨୮, ବଣ୍ଟରପାଳ ବ୍ଲକରୁ ୨୮, ଛେଣ୍ଡିପଦା ବ୍ଲକରୁ ୨୬, ତାଳଚେର ବ୍ଲକରୁ ୨୨, କିଶୋରନଗର ବ୍ଲକରୁ ୨୧, ଅନୁଗୋଳ ପୌରାଞ୍ଚଳରୁ ୨୦, ଅନୁଗୋଳ ବ୍ଲକରୁ ୧୧, ପାଲଲହଡ଼ା ବ୍ଲକରୁ ୩ ଓ ଆଠମଲ୍ଲିକ ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୬୭ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଜାରିହେଲା ବିଶେଷଜ୍ଞ ଡାକ୍ତରଙ୍କ ଫୋନ୍ ନମ୍ବର

**ଅନୁଗୋଳ ଅଫିସ, ୨୫।୪:** ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ସମ୍ପର୍କରେ ଜାଣିବା, ଆମ୍ବୁଲାନ୍ସ ସେବା ପାଇବା ଓ ଆଇସୋଲେଶନରେ ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ, ସେ ସମ୍ପର୍କରେ ଜିଲା କୋଭିଡ୍ ହେଲ୍ପ ଲାଇନ୍ ନମ୍ବର ୦୬୭୬୪-୨୩୦୬୧୨ ଓ ୯୪୩୯୯୮୧୭୫୬ ଜାରି କରାଯାଇଛି। ସେହିପରି କେତେବେଳେ କରୋନା ପରୀକ୍ଷା କରିବେ, କେଉଁ ଚିକିତ୍ସା କରିବେ, କେମିତି ସୁରକ୍ଷିତ ରହିବେ ତାହା ସୋସିଆଲ ମିଡିଆ ମାଧ୍ୟମରେ ଜିଲାବାସୀଙ୍କୁ ସଚେତନ କରାଯାଉଛି। କୋଭିଡ୍ ସଂକ୍ରମିତମାନେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ୬ ଜଣ ଡାକ୍ତରଙ୍କ ଫୋନ୍ ନମ୍ବର ଦିଆଯାଇଛି। ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇଙ୍କ ସହ ୮୪୫୭୯୮୧୩୩୩, ଡାକ୍ତର ରଶ୍ମିତା ଭଞ୍ଜଦେଓଙ୍କ ସହ ୭୦୦୮୮୫୦୯୮୯୮, ଡାକ୍ତର ସ୍ୱେତା ସରଙ୍ଗ ସହ ୭୯୭୮୬୫୪୭୩୫, ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସହ ୭୨୦୫୨୫୦୭୩୧, ଡାକ୍ତର ଦେବାଶିଷ ପ୍ରଧାନଙ୍କ ସହ ୯୭୭୬୯୩୪୫୮୮ ଓ ଡାକ୍ତର କୁମାର ଗୌରଭ ସାମଲଙ୍କ ସହ ୯୯୩୭୩୫୨୬୪୯ରେ ଯୋଗାଯୋଗ କରିବାକୁ କୁହାଯାଇଛି।

### ଅଗ୍ନି ବିପନ୍ନଙ୍କୁ ସହାୟତା



**ବଇଣ୍ଡା, ୨୫।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଭୋଗରା ଗ୍ରାମର ଅଗ୍ନି ବିପନ୍ନ ପରିବାରକୁ ଶନିବାର ସହାୟତା ଯୋଗାଇ ଦିଆଯାଇଛି। ଗ୍ରାମର ଟିହିଁକୁ ଦେହୁରି, ଟିକନ ଦେହୁରି, ଘନ ଦେହୁରିଙ୍କ ଘର ପୋଡ଼ିଯାଇଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପହଞ୍ଚି ସମସ୍ତ ପରିବାରଙ୍କୁ ଚୂଡ଼ା, ଚିନି, ଚାଉଳ, ଡାଲି, ଗୁଡ ପଲିଥିନ ଆଦି ଯୋଗାଇ ଦେଇଥିଲେ। ଏଥିସହ କିଭଳି ସେମାନଙ୍କ ପରିବାରକୁ ପକ୍କା ଘର ମିଳିବ ସେ ନେଇ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବସରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି, ଅତିରିକ୍ତ ତହସିଲଦାର ଅଶୋକ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।

### ଜଳିଗଲା ୬ ବଖରା



**ବଇଣ୍ଡା, ୨୫।୪(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଖାଲପାଳ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଟଙ୍କଧର ପ୍ରଧାନ, ଅଶୋକ ପ୍ରଧାନଙ୍କ ୬ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଗ୍ରାମବାସୀ କହୁଥିବାବେଳେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଛି। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲା ପରିଷଦ ସଭ୍ୟ ବଂଶୀଧର ସେଠୀ ଦାବି କରିଛନ୍ତି।

# ଶ୍ରଦ୍ଧାଳୁଙ୍କୁ ମିଳିବନି ସୁଯୋଗ



ତାଳଚେରସ୍ଥିତ ମା' ହିଙ୍ଗୁଳା।

- **କୋଭିଡ୍ ପାଇଁ ହିଙ୍ଗୁଳାଙ୍କ ପୀଠରେ କଟକଣା**
- **ଅଗ୍ନିରୂପାଙ୍କ ଦର୍ଶନରୁ ବଞ୍ଚିତ ହେବେ ଭକ୍ତମଣ୍ଡଳୀ**
- **ବାତିଲ ହୋଇଛି ଲୋକ ମହୋତ୍ସବ, ବ୍ୟବସାୟ**

**ତାଳଚେର, ୨୫।୪(ନି.ପ୍ର.)**

ମା' ହିଙ୍ଗୁଳାଙ୍କ ବାର ମାସରେ ତେର ଯାତ୍ରା। ସେଥିରୁ ଚୈତ୍ରମାସ ଶୁକ୍ଳପକ୍ଷ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀରେ ମା'ଙ୍କ ସ୍ୱତନ୍ତ୍ର ପୂଜା କରାଯାଏ, ଯାହାକୁ ହିଙ୍ଗୁଳା ଯାତ୍ରା କୁହାଯାଏ। ତାଳଚେରର ଇଷ୍ଟଦେବୀ ଗୋପାଳପ୍ରସାଦର ମା' ହିଙ୍ଗୁଳା ବର୍ଷର ଅନ୍ୟ ସମୟରେ ନିରାକାର ରୂପରେ ପୂଜା ପାଉଥିବା ବେଳେ ଚୈତ୍ରମାସରେ ଅଗ୍ନି ରୂପରେ ଉଭାହୋଇ ବିଷ୍ଣୁଦମନକ ଚତୁର୍ଦ୍ଦଶୀ ଠାରୁ ନବଦିନ ବ୍ୟାପୀ ପୂଜା ପାଇଥାନ୍ତି। ଏପ୍ରିଲ ୨୬ ସୋମବାରଠାରୁ ମା'ଙ୍କ ଏହି ସ୍ୱତନ୍ତ୍ର ପୂଜା ଆରମ୍ଭ ହେବ। ପୂର୍ବାହ୍ନରେ ଦେହୁରୀ ପୂଜାର୍ଚ୍ଚନା କରିବେ। ଅପରାହ୍ନରେ ମା'ଙ୍କ ଆଲମକୁ ଉଭାସ୍ଥଳକୁ ନିଆଯିବ। ମେ' ୪ ତାରିଖରେ ଶୀତୁଳା ପର୍ବ ସହ ମା'ଙ୍କ ସ୍ୱତନ୍ତ୍ର ପୂଜା ସମାପନ ହେବ। ପ୍ରତିବର୍ଷ ଅଗ୍ନିରୂପୀ ମା'ଙ୍କ ଏହି ପୂଜାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏଥିସହ ୯ ଦିନ ଧରି ଲୋକ ମହୋତ୍ସବ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ। ସ୍ଥାନୀୟ କଳାକାରଙ୍କ ସହିତ ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ଏଠାକୁ ଆସି କଳା ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ସ୍ଥାନୀୟ ଓ ବାହାରର ବହୁ ବ୍ୟବସାୟୀ ଏହି ୯ ଦିନରେ ଭଲ ରୋଜଗାର କରିଥାନ୍ତି। କିନ୍ତୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ କରୋନା କଟକଣା ମଧ୍ୟରେ ମା'ଙ୍କ ପୂଜାବିଧି କରାଯିବ। କୌଣସି ଶ୍ରଦ୍ଧାଳୁ ପୀଠ କି ଉଭାସ୍ଥଳକୁ ଯାଇପାରିବେ ନାହିଁ। ଏ ନେଇ ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିବା ସହ ପୋଲିସ ମୁତୟନ କରାଯାଇଛି। ଫଳରେ ଦର୍ଶନରୁ ବଞ୍ଚିତ ହେବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନିରାଶା ଖେଳିଯାଇଛି।

### ଭକ୍ତ, ଅଞ୍ଚଳବାସୀ ସହଯୋଗ କରନ୍ତୁ



"କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ କଟକଣା ଲଗାଇଛି। ଯେପରି କୌଣସି ଭକ୍ତ ଯାତ୍ରାରେ ସାମିଲ ହୋଇପାରିବେ ନାହିଁ, ସେଥିପାଇଁ ପୋଲିସ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଭକ୍ତ ଓ ଅଞ୍ଚଳବାସୀ ସହଯୋଗ କରନ୍ତୁ।

**-ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି**

### କେବଳ ନୀତିକାନ୍ତିରେ ସୀମିତ



"ମହାମାରୀ ବ୍ୟାପୁଥିବାରୁ ମା'ଙ୍କ ଯାତ୍ରା କେବଳ ନୀତିକାନ୍ତିରେ ସୀମିତ ରହିବ। ତେଣୁ ଭକ୍ତମାନେ ଏହି ଯାତ୍ରାରେ ସାମିଲ ହୋଇପାରିବେ ନାହିଁ ଏଥିପାଇଁ ଆମେ ଦୁଃଖ ପ୍ରକାଶ କରୁଛୁ। ଆସନ୍ତା ବର୍ଷ ହିଙ୍ଗୁଳା ଯାତ୍ରା ଭଲରେ ହେଉ, ଏତିକି କାମନା କରାଯାଉଛି।

**-ରାଜେନ୍ଦ୍ର ପ୍ରସାଦ ସିଂହ, ଟ୍ରଷ୍ଟ ସଦସ୍ୟ ତଥା ରାଜାଙ୍କ ପ୍ରତିନିଧି**

### ୨ ବର୍ଷ ହେଲା ବେପାର ବନ୍ଦ



"ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ବହୁ ବ୍ୟବସାୟୀଙ୍କ ଭାତହାଣ୍ଡି। ଏହି ୯ଦିନ ବ୍ୟବସାୟୀମାନେ ଭଲ ବେପାର କରିଥାନ୍ତି। କିନ୍ତୁ ୨ବର୍ଷ ହେଲା କରୋନା କାରଣରୁ ଭକ୍ତଙ୍କ ସମାଗମ କି ବ୍ୟବସାୟକୁ ଅନୁମତି ନାହିଁ। ଏଥିଯୋଗୁ ବହୁ କ୍ଷତି ସହୁଛୁ।

**-ରୋହିତ କୁମାର ସାହୁ, ବ୍ୟବସାୟୀ, ତାଳଚେର**

### ଅଗଣିତ ଶ୍ରଦ୍ଧାଳୁ ମର୍ମାହତ



"କୋଭିଡ୍ ପାଇଁ ବିନା ଭକ୍ତରେ ମା'ଙ୍କ ବାର୍ଷିକ ଯାତ୍ରା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଛି। କିନ୍ତୁ ପରିସ୍ଥିତି ଯାହା ପ୍ରଶାସନର ନିଷ୍ପତ୍ତିକୁ ସମସ୍ତେ ମାନିବା ଦରକାର। ତେବେ ପ୍ରଶାସନ ଯାତ୍ରାର ସିଧାପ୍ରସାରଣ କଲେ ଭକ୍ତମାନେ ଆନନ୍ଦିତ ହୁଅନ୍ତେ।

**-ବିଭୂତି ଭୂଷଣ ସ୍ୱାଇଁ, ଶ୍ରଦ୍ଧାଳୁ, ତାଳଚେର**

### ରଥଯାତ୍ରା ପରି ସିଧା ପ୍ରସାରଣ କରାଯାଉ



"ପ୍ରତିବର୍ଷ ହିଙ୍ଗୁଳା ଯାତ୍ରାକୁ ହଜାର ହଜାର ଭକ୍ତ ଅପେକ୍ଷା କରିଥାନ୍ତି। କୋଭିଡ୍ କାରଣରୁ ଦୁଇବର୍ଷ ହେଲା ମା'ଙ୍କ ସ୍ୱତନ୍ତ୍ର ପୂଜା ଦର୍ଶନରୁ ସମସ୍ତେ ବଞ୍ଚିତ ହେଉଛନ୍ତି। ରଥଯାତ୍ରା ପରି ହିଙ୍ଗୁଳା ଯାତ୍ରାର ସିଧା ପ୍ରସାରଣ କରାଗଲେ ଅଗ୍ନିରୂପାଙ୍କ ଦିବ୍ୟଦର୍ଶନ ମିଳିପାରନ୍ତା।

**-ନରେନ୍ଦ୍ର କୁମାର ପାଇକରାୟ, ଶ୍ରଦ୍ଧାଳୁ, ତାଳଚେର**

### ଆଗାମୀ ବର୍ଷକୁ ଅପେକ୍ଷା



"ପିଲାବେଳୁ ମା'ଙ୍କ ଯାତ୍ରା ଦେଖି ଆସୁଛୁ। କିନ୍ତୁ କରୋନା ଯୋଗୁ ୨ ବର୍ଷ ହେଲା ଏହି ନବଦିନ ବ୍ୟାପୀ ସ୍ୱତନ୍ତ୍ର ପୂଜା ଦେଖିବାରୁ ବଞ୍ଚିତ ହେବାକୁ ପଡୁଛି। ଏହା ସମସ୍ତଙ୍କ ପାଇଁ ନୈରାଶ୍ୟଜନକ। ମା' ଏହି ମହାମାରୀରୁ ରକ୍ଷା କରନ୍ତୁ। ଆଗାମୀ ବର୍ଷକୁ ଅପେକ୍ଷା।

**-ସସ୍ମିତା ପ୍ରଧାନ, ଶ୍ରଦ୍ଧାଳୁ, ତାଳଚେର**

### ଘରେ ରହି ମା'ଙ୍କୁ ପ୍ରାର୍ଥନା କରିବା



"ସଂକ୍ରମଣ ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ପ୍ରଶାସନ କଟକଣା ଲଗାଇବାକୁ ବାଧ ହୋଇଛି। ତେଣୁ ସରକାରଙ୍କ ନିୟମ ମାନି ଭକ୍ତମାନେ ଘରେ ସୁରକ୍ଷିତ ରହି ମା'ଙ୍କୁ ସ୍ମରଣ କରନ୍ତୁ। ଏହି ଜଟିଳ ପରିସ୍ଥିତିରୁ ମା' ସମସ୍ତଙ୍କୁ ରକ୍ଷା କରନ୍ତୁ ଏହା ପ୍ରାର୍ଥନା କରନ୍ତୁ।

**- ସୁଧାକର ସାହୁ, ଶ୍ରଦ୍ଧାଳୁ, ତାଳଚେର**

### ଉଭାସ୍ଥଳରେ ଦର୍ଶନ କରିପାରୁନୁ



"ଦୁଇ ବର୍ଷ ହେଲା ମା' ଅଗ୍ନିରୂପ ଅନ୍ୟ ସ୍ଥାନରେ ଉଭା ହେଉଥିଲେ ମଧ୍ୟ ସେଠାକୁ ଯାଇ ଦର୍ଶନ କରିପାରୁନୁ। ଗତବର୍ଷ ଏଥିରୁ ବଞ୍ଚିତ ହୋଇଥିବାରୁ ଚଳିତବର୍ଷ ଆଶା ଥିଲା। ହେଲେ କୋଭିଡ୍ ଦ୍ୱିତୀୟ ଲହର ତାହା ମଧ୍ୟ କରାଇ ଦେଲାନି। ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼ିବ।

**-ପାର୍ବତୀ ବାଘ, ବଡ଼ହୀରା, କଣିହାଁ**

# କୋଭିଡ୍ ପରିଚାଳନା ଅନୁଧ୍ୟାନ



ଜିଲା ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ, ୨୫।୪**

ଅନୁଗୋଳ ଜିଲା ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ପରିଚାଳନା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ସହ ଆଲୋଚନା କରିଛନ୍ତି। ଜିଲାରେ ମହଜୁଦ ଅକ୍ସିଜେନ୍ ଓ ହେବାକୁ ଥିବା କୋଭିଡ୍ ମେଡିକାଲ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲାରେ ସମ୍ପୂର୍ଣ୍ଣ ଟିକାକରଣ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଚାଲିଛି। ଉନ୍ନତ ଚିକିତ୍ସା ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରହିଥିବା ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ କହିଥିଲେ। ପ୍ରତିନିଧି ମଣ୍ଡଳୀରେ ଭାଜପା ଜିଲା ସମ୍ପାଦକ ସୋମନାଥ ରାଉତ, ସମ୍ପାଦିକା ନମିତା ଦଳବେହେରା, ବିଶ୍ୱଜିତ ମିଶ୍ର, ବିଜୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସ ନେତାଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୫।୪**

**ଅକ୍ସିଜେନ୍ ଅଭାବରୁ ଚାଲିଗଲା ଜୀବନ**



ଫାରୁକ୍ ଅହମ୍ମଦ

ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନର ଅନୁଗୋଳ ଜିଲା ସଭାପତି ଫାରୁକ ଅହମ୍ମଦଙ୍କ କରୋନାରେ ମୃତ୍ୟୁ ହୋଇଛି। ସେ ବିହାରର ପାଟନାସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଅକ୍ସିଜେନ୍ ଅଭାବରୁ ଶନିବାର ରାତି ୧୦ଟା ୧୫ରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଅନୁଗୋଳ କଲେଜରେ ଯୁକ୍ତ ୨ରେ ପଢିବା ବେଳେ ଫାରୁକ ଛାତ୍ର ରାଜନୀତିରେ ସକ୍ରିୟ ହୋଇ ନିଜ ପରିଚୟ ସୃଷ୍ଟି କରିଥିଲେ। ପରେ ଦଳ ଜିଲା ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଓ ପରବର୍ତ୍ତୀ ସମୟରେ ସଭାପତି ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲା। କିଛିଦିନ ତଳେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ବିହାରରେ ଡାକ୍ତର ଥିବା ତାଙ୍କ ମାମୁ ଫାରୁକ୍‌ଙ୍କୁ ସେଠାକୁ ନେଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରୁଥିଲେ। କିନ୍ତୁ ଅକ୍ସିଜେନ୍ ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫାରୁକ୍‌ଙ୍କ ଏପରି ଅକାଳ ବିୟୋଗରେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା, ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ବିଜୟା ନନ୍ଦ ଚାଉଳିଆ, ସୁବ୍ରତ ଗଡନାୟକ, ସୁରେଶ ବେହେରା, ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଛାତ୍ର ନେତା ବାପୁଜୀ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅଡିଟ୍ ପାଇଁ ଅଟକିଛି ମୃତ୍ୟୁ ସଂଖ୍ୟା

**ଅନୁଗୋଳ ଅଫିସ, ୨୫।୪**

କରୋନାର ଦ୍ୱିତୀୟ ଲହରରେ ଅନୁଗୋଳ ଜିଲାରୁ ଦୈନିକ ଶତାଧିକ ଲୋକ ସଂକ୍ରମିତ ହେଉଛନ୍ତି। ଜିଲାର ବିଭିନ୍ନ ଶ୍ମଶାନରେ କୋଭିଡ୍ ଗାଇଡ୍‌ଲାଇନ୍‌ରେ ମୃତଦେହ ଦାହ କରାଯାଉଛି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି କୋଭିଡ୍‌ରେ ମରିଛନ୍ତି କି ନାହିଁ ସେ ନେଇ ଜିଲା ପ୍ରଶାସନ କି ରାଜ୍ୟ ସରକାର ଘୋଷଣା କରୁନାହାନ୍ତି। ଏ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କରୋନାରେ ସଂକ୍ରମିତ ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ରିପୋର୍ଟ ଅଡିଟ୍ ପାଇଁ ପଠାଯାଇଛି। ସରକାର ରିପୋର୍ଟ ପ୍ରଦାନ କରିବା ପରେ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ନେଇ ଘୋଷଣା କରାଯିବ। ଅନ୍ୟ ରୋଗ ଥାଇ ମଧ୍ୟ କିଛି ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଅଡିଟ୍ ରିପୋର୍ଟ ଅନୁଯାୟୀ ମୃତ୍ୟୁ ଘୋଷଣା କରିବାର ନିୟମ ରହିଥିବା ଜିଲାପାଳ ସ୍ୱାଇଁ ପ୍ରକାଶ କରିଛନ୍ତି।

# ହାତୀ ମୃତଦେହ ଠାବ

**ବଇଣ୍ଡା, ୨୫।୪(ଡି.ଏନ.ଏ.)**



ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଠେଲକନାଳି ପ୍ରୋଜେକ୍ଟ ପରିସରରେ ଥିବା ବଡଖଳି ନାଳ ନିକଟରୁ ରବିବାର ଏକ ହାତୀର ମୃତଦେହ ବନବିଭାଗ ଠାବ କରିଛି। ୨ ରୁ ୩ ଦିନ ହେବ ହାତୀଟି ସେଠାରେ ମରି ପଡ଼ିଥିବା ଅନୁମାନ କରାଯାଉଛି। କେତେଜଣ ମହିଳା ଜଙ୍ଗଲକୁ କାଠ ପାଇଁ ଯାଇଥିବାବେଳେ ହାତୀର ମୃତଦେହ ଦେଖି ବନବିଭାଗକୁ ସୂଚନା ଦେଇଥିଲେ। ଦେହରେ କ୍ଷତ ଚିହ୍ନ ଥିବାରୁ ଶିକାର କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହଣ୍ଡପା ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ରେଞ୍ଜର ଚୈତନ୍ୟ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇ ନ ଥିଲେ।

# ପଶ୍ଚିମବଙ୍ଗରୁ ଫେରିଲେ ୯୦ ପ୍ରବାସୀ

**ଅନୁଗୋଳ ଅଫିସ, ୨୫।୪**



ଟ୍ରେନ୍‌ରେ ଅନୁଗୋଳ ଫେରିଥିବା ପ୍ରବାସୀମାନେ କୋଭିଡ୍ ଟେଷ୍ଟ ପାଇଁ ଧାଡ଼ିରେ ଯାଉଛନ୍ତି।

ଅନୁଗୋଳ ଜିଲାକୁ ରବିବାର ଟ୍ରେନ୍‌ଯୋଗେ ୯୦ ପ୍ରବାସୀ ପଶ୍ଚିମବଙ୍ଗରୁ ଫେରିଛନ୍ତି। ସେମାନେ ଅନୁଗୋଳ ଷ୍ଟେଶନରେ ପହଞ୍ଚିବା ପରେ ସମସ୍ତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ପଜିଟିଭ୍ ଚିହ୍ନଟ ହୋଇଥିବା ୫ଜଣଙ୍କୁ ପଞ୍ଚମହଲାସ୍ଥିତ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ଅନ୍ୟମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଉକ୍ତ ଟ୍ରେନ୍‌ରେ ବାଟରୁ ଉଠିଥିବା ଯାତ୍ରୀଙ୍କ ଟେଷ୍ଟ କରାଯାଇ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। କୋଲକାତାରୁ ଆସିଥିବା ଟ୍ରେନ୍ ଭୋର ସାଢ଼େ ୪ଟାରେ ଅନୁଗୋଳ ଷ୍ଟେଶନରେ ଲାଗିଥିଲା। ଏହା ପୂର୍ବରୁ ଅନୁଗୋଳ ପୌର ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣାଙ୍କ ନେତୃତ୍ୱରେ ପ୍ରଦୀପ ସାହୁ, ଶ୍ୟାମ ସୁନ୍ଦର ସାସମଲ, ଶ୍ରୀନିବାସ ଲେଙ୍କା, ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖଙ୍କ ସହ ଡାକ୍ତରୀ ଟିମ୍ ଷ୍ଟେଶନରେ ପ୍ରସ୍ତୁତ ହୋଇ ରହିଥିଲେ। ଟ୍ରେନ୍‌ରୁ ପ୍ରବାସୀମାନେ ଓହ୍ଲାଇବା ପରେ ସମସ୍ତଙ୍କୁ ଧାଡ଼ିରେ ଅଣାଯାଇ କୋଭିଡ୍ ପରୀକ୍ଷା କରାଯାଇଥିଲା। ଆଣ୍ଟିଜେନ ଟେଷ୍ଟରେ ୫ ଜଣ ପଜିଟିଭ୍ ବାହାରିଥିଲେ। ଅନ୍ୟମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲେ ମଧ୍ୟ ସମସ୍ତଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ୫ ଜଣ ପେଡ୍ କ୍ୱାରାଣ୍ଟାଇନ୍ ଓ ୪୦ ଜଣ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି। ଅନ୍ୟପକ୍ଷରେ ୧୫ ଜଣ ଲୋକ ରାସ୍ତାରୁ ଉଠିଥିବା ବେଳେ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇ ଘରକୁ ଯିବାକୁ ଅନୁମତି ଦିଆଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଫଟୋରେ ଖବର




ସପ୍ତାହାନ୍ତ ଶଟ୍‌ଡାଉନ୍ ଅବସରରେ ରବିବାର ଅନୁଗୋଳ ସହର ସଞ୍ଜୀବନୀ ମାର୍କେଟ ବନ୍ଦ ରହିଛି।



ଶଟ୍‌ଡାଉନ ପାଇଁ ଅନୁଗୋଳ ସହରର ଏକ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି। (ଫଟୋ- ବୁବୁ)

